## ସଂକ୍ଷେପରେ

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅଭିଭାବକ ସମ୍ମିଳନୀ



**ଗୁଣପୁର,୨୫।୫(ଡି.ଏନ.ଏ):** ରାୟଗଡ଼ା ଜିଲା ଗୁଣପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ନୂତନ ଶିଶୁଙ୍କ ଅଭିଭାବକଙ୍କୁ ନେଇ ଏକ ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସରସ୍ୱତୀ ଶିଶୁମନ୍ଦିରର ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ ଶତପଥୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ଶିଶୁମନ୍ଦିରରେ ଶିଶୁଙ୍କ ଶୈକ୍ଷିକ ଉନ୍ନତି, ସଂସ୍କାର ଓ ଆଧାତ୍ମିକ ଶିକ୍ଷା ବିଷୟରେ ଆଲୋକପାତ କରିଥିଲେ। ସମ୍ପାଦକ ସୋମନାଥ ଗୌଡ଼ ଅନୁଷ୍ଠାନର ଯୋଜନା ଓ ଶିଶୁଙ୍କ ସର୍ବାଙ୍ଗୀନ ବିକାଶ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଯୁଗ୍ମ ସମ୍ପାଦକ ମୋହନ ଚନ୍ଦ୍ର ସାହୁ, ସଦସ୍ୟା ପ୍ରତିଭା ରଥ ଉପସ୍ଥିତ ରହି କାର୍ଯ୍ୟକ୍ରମ ଶିକ୍ଷା ପ୍ରଣାଳୀ ଉପରେ ମାର୍ଗଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ଅଭିଭାବକମାନେ ମଧ ନିଜ ମତ ଉପସ୍ଥାପନ କରିଥିଲେ। ଆଚାର୍ଯ୍ୟା ଏବଂ ଆଚାର୍ଯ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ବିପିଏଲ୍ କାର୍ଡଧାରୀଙ୍କୁ ପଟ୍ଟା ପ୍ରଦାନ



**ମାଲକାନଗିରି,୨୫।୫(ଡି.ଏନ୍.ଏ.):** ମାଲକାନଗିରି ସଦର ସ୍ଥିତ ୱାର୍ଡ ନଂ. ୧୮, ନୂଆଗୁଡ଼ା ଏବଂ ଗାଣ୍ଡିଆଗୁଡ଼ାରେ ବିପିଏଲ କାର୍ଡଧାରୀଙ୍କୁ ପଟ୍ଟା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ମାଲକାନଗିରି ପୌରାଧକ୍ଷ ମନୋଜ କୁମାର ବାରିକ ଉପସ୍ଥିତ ରହି ୪୦ ବିପିଏଲ୍ ହିତାଧିକାରୀଙ୍କୁ ମାଗଣା ପଟ୍ଟା ପ୍ରଦାନ କରିଥିଲେ। ସହରାଞ୍ଚଳ ମିଶନ ପରିଚାଳକ ଜଗନ୍ନାଥ ଖେମୁଡୁ, କେ. ରାହୁଲ, ନାଥନବାଲା ସହ ୱାର୍ଡନଂ. ୧୮, ନୂଆଗୁଡ଼ା, ଗଣ୍ଡିଆଗୁଡ଼ାର ସମସ୍ତ ହିତାଧିକାରୀ ଉପସ୍ଥିତ ଥିଲେ। ଆଗାମୀ ଦିନରେ ସଦର ଅଞ୍ଚଳର ଅନ୍ୟ ବିପିଏଲ୍ କାର୍ଡଧାରୀଙ୍କୁ ଚିହ୍ନଟ କରାଯାଇ ପଟ୍ଟା ପ୍ରଦାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ପୌରାଧକ୍ଷ କହିଛନ୍ତି। ତେବେ ଦୀର୍ଘବର୍ଷ ଧରି ବିନା ସ୍ଥାୟୀ ପଟ୍ଟାରେ ରହୁଥିବା ଏହି ହିତାଧିକାରୀ ମାନେ ପଟ୍ଟା ପାଇ ଖୁସି ବ୍ୟକ୍ତ କରିଛନ୍ତି।

### ବେଆଇନ ହାଟ ବନ୍ଦ ନେଇ ଆଲୋଚନା

**ରାଇଘର, ୨୫।୫(ଡି.ଏନ୍.ଏ.):** ନବରଙ୍ଗପୁର ଜିଲା ରାଇଘର ବ୍ଲକରେ ବେଆଇନ ଭାବେ ବସୁଥିବା ହାଟ କିଭଳି ବନ୍ଦ ହେବ ସେ ସମ୍ପର୍କରେ ବୁଧବାର ପ୍ରସାଶନିକସ୍ତରୀୟ ଆଲୋଚନା ହୋଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବେନ୍ଦ୍ର ପ୍ରସାଦ ବଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ପରିଷଦ ଉପାଧକ୍ଷା ଲିପିକା ବାରୋଇ, ବ୍ଲକ ଅଧକ୍ଷା ନବିନା ନାୟକ, ରେଞ୍ଜର ତନୁଜା କାର୍ତ୍ତିକ, ଏସ୍ଆଇ ଅନୁଶୟା ନାୟକ, ତହସିଲ ବିଭାଗ ସହ ମିଳିତ କ୍ରିୟାନୁଷ୍ଠାନ କମିଟି ଓ ଚାରି ଗୋଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ବରିଷ୍ଠ ନାଗରିକ ଗଣମାଧମ ପ୍ରତିନିଧି ଉପସ୍ଥିତ ଥିଲେ। ରାଇଘର ସାପ୍ତାହିକ ହାଟକୁ ସ୍ଥାନୀୟ ତଥା ପଡୋଶୀ ରାଜ୍ୟର ବେପାରୀ ଆସନ୍ତି। କିନ୍ତୁ କରୋନାଠାରୁ ହାଟ ଅନ୍ୟତ୍ର ବସିଲା। ଲୋକ କିମ୍ବା ବେପାରୀ ହେଲେନାହିଁ। ଏ ନେଇ ଅଞ୍ଚଳବାସୀ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଲିଖିତଭାବେ ଜଣାଇଥିଲେ। ଜିଲାପାଳ ଏ ନେଇ ରାଇଘର ବିଡିଓଙ୍କୁ ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ନେବାକୁ କହିଥିଲେ। ରାଇଘର ବିଡିଓ ଅଞ୍ଚଳବାସୀଙ୍କୁ ଡକାଇ ଆଲୋଚନା କରିଥିଲେ। ଲୋକ ପ୍ରତିନିଧି ବେଆଇନ ହାଟ ବନ୍ଦ ନିମନ୍ତେ ସମର୍ଥନ କରିଥିବାବେଳେ ବୁଧବାର ରାଇଘର କ୍ରିୟାନୁଷ୍ଠାନ ସଦସ୍ୟ ଓ ପ୍ରସାସନିକ ସ୍ତରରେ ଆଲୋଚନା ହୋଇଛି। ରବିବାର ଦିନ ଆଖପାଖ ଅଞ୍ଚଳରେ ବସୁଥିବା ସମସ୍ତ ହାଟ ବନ୍ଦ କରାଯିବ। ସେହି ହାଟ ସେଠରେ ଅନ୍ୟ ଦିନରେ ବସିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସାପ୍ତାହିକ ହାଟ କେଉଁଠି ବସିବ ତାହା ଗୁରୁବାର ଜଣାପଡିବ। ରାଇଘର ନିକଟବର୍ତ୍ତୀ ଗାଣ୍ଡାଡିହି ହାଟ ବନ୍ଦ କରିବାକୁ ଗଞ୍ଜାପାରା ସରପଞ୍ଚ ନିଷ୍ପତ୍ତି ନେଇଛନ୍ତି।

# ଦଳମତ ନିର୍ବିଶେଷରେ ଜିଲାର ବିକାଶ ନେଇ ଆଲୋଚନା

**ରାୟଗଡ଼ା ଅଫିସ,୨୫।୫**



ବୈଠକରେ ଜିଲାପାଳ, ରାଜ୍ୟ ସଭା ସଦସ୍ୟ, ଜିଲା ପରିଷଦ ଅଧକ୍ଷା ଓ ଅନ୍ୟ ଅଧିକାରୀ।

- ରାୟଗଡ଼ା ଜିଲା ପରିଷଦ ବୈଠକ
- ଜିଲା ଚିକିତ୍ସାଳୟରେ ଶିଶୁଙ୍କ ପାଇଁ ଶୀଘ୍ର ଆଇସିୟୁ ସୁବିଧା
- ଗଣମାଧମ ପ୍ରତିନିଧିଙ୍କୁ ପୁରାଇ ଦେଲେନି

ନବଗଠିତ ରାୟଗଡ଼ା ଜିଲା ପରିଷଦର ପ୍ରଥମ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସରୋଜ କୁମାର ମିଶ୍ର ନବ ନିର୍ବାଚିତ ଅଧକ୍ଷା ସରସ୍ୱତୀ ମାଝି ଏବଂ ଉପାଧକ୍ଷ ସନ୍ତୋଷ କୁମାର ସୁନାଙ୍କୁ ଶପଥ ପାଠ କରାଇଥିଲେ । ବୈଠକରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରାକା, ରାଜ୍ୟ ସଭା ସଦସ୍ୟ ଏନ୍. ଭାସ୍କର ରାଓ, କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା, ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ଗୁଣପୁର ଉପଜିଲାପାଳ ଜେ. ସୋନାଲ୍, ରାୟଗଡ଼ା ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ, ରାୟଗଡ଼ା ଜିଲାର ସମସ୍ତ ଜିଲା ପରିଷଦ ସଭ୍ୟା, ସଭ୍ୟ, ଜିଲାର ସମସ୍ତ ପଞ୍ଚାୟତ ସମିତି ଅଧକ୍ଷା, ଅଧକ୍ଷ ଏବଂ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ରାଜ୍ୟ ସଭା ସଦସ୍ୟଙ୍କ କାର୍ଯ୍ୟକାଳ ଶେଷ ହେଉଥିବାବେଳେ ଜିଲାର ବିକାଶ ଦିଗରେ ଦଳମତ ନିର୍ବିଶେଷରେ କାର୍ଯ୍ୟ କରିବା ଏବଂ ଲୋକଙ୍କ ସମସ୍ୟା ସମାଧାନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ୭ଟି ବିଭିନ୍ନ ସ୍ଥାୟୀ କମିଟି ଗଠନ କରାଯିବା ନିମନ୍ତେ ବୈଠକରେ ନିଷ୍ପତ୍ତି ହେଇଥିଲା। ପରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଯୋଗାଣ, କୃଷି ବ୍ୟବସ୍ଥା ବିଷୟରେ ଆଲୋଚନା କରାଯାଇଥିଲା। ଡିଇଓ ସ୍କୁଲ ସଂଖ୍ୟା, ଶିକ୍ଷକଙ୍କ ସଂଖ୍ୟା, ଖାଲିପଡ଼ିଥିବା ପଦବୀ ଏବଂ ସମଗ୍ର ଶିକ୍ଷା ବ୍ୟବସ୍ଥାରେ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ବିଷୟରେ ତଥ୍ୟ ଉପସ୍ଥାପନ କରିଥିଲେ। ଖାଲି ପଡ଼ିଥିବା ପଦବୀ ଗୁଡ଼ିକୁ ତୁରନ୍ତ ପୂରଣ କରିବା ନିମନ୍ତେ ବୈଠକରେ ଡିଇଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷ କରି ଯେଉଁ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ଅଧିକ ରହିଛି ସେଠାରେ ନୂତନ ଭାବେ ବିଜ୍ଞାନ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବା ନିମନ୍ତେ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱାସ୍ଥ୍ୟ ବିଭାଗ ବିଷୟରେ ଆଲୋଚନା କରି ଶୀଘ୍ର ଜିଲା ମୁଖ୍ୟ ଚିକିତ୍ସାଳୟରେ ଏମ୍ଆର୍ଆଇ, ସିଟିସ୍କାନ ଏବଂ ଶିଶୁଙ୍କ ନିମନ୍ତେ ଆଇସିୟୁ ସ୍ଥାପନ କରାଯାଇ ଉତ୍ତମ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ ବୋଲି କୁହାଯାଇଛି। ଡାକ୍ତର ସମସ୍ୟା ବିଷୟରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ପୋଷ୍ଟିଂ ହେଲେ ଖାଲି ସ୍ଥାନ ପୂରଣ କରାଯିବ ବୋଲି ସିଡିଏମ୍ଓ କହିଛନ୍ତି। ସେହିପରି କୃଷି ଯୋଜନା ଏବଂ ନିର୍ମାଣାଧୀନ ଜଳ ପ୍ରକଳ୍ପ କାର୍ଯ୍ୟ ବିଷୟରେ ମଧ ଆଲୋଚନା ହୋଇଥିଲା।

ତେବେ ପ୍ରଥମ ଜିଲା ପରିଷଦ ବୈଠକ ହୋଇଥିବାରୁ ଗଣମାଧମ ପ୍ରତିନିଧିମାନେ ଖବର ସଂଗ୍ରହ କରିବାକୁ ଯାଇଥିଲେ। କିନ୍ତୁ ଜିଲାପାଳ ଖବରଦାତାମାନଙ୍କୁ ବୈଠକରେ ଉପସ୍ଥିତ ରହିବାକୁ ବାରଣ କରିଥିଲେ। କେବଳ ଡିଆଇପିଆର୍‌ଓଙ୍କ ମାଧମରେ ବୈଠକ ସମ୍ପର୍କିତ ଖବର ଦିଆଯାଇଥିଲା। କାର୍ଯ୍ୟରତ ଖବରଦାତାମାନେ ଏହାର ପ୍ରତିବାଦ କରି ବାହାରେ ଧାରଣରେ ବସିଥିଲେ। ରାଜ୍ୟ ସଭା ସଦସ୍ୟ ପହଞ୍ଚି ଖବରଦାତା ମାନଙ୍କୁ ବୁଝାଶୁଝା କରିଥିଲେ। କିନ୍ତୁ ଜିଲାପାଳ ପହଞ୍ଚି ନ ଥିଲେ। ଗଣାମାଧମ ପ୍ରତିନିଧିଙ୍କୁ ଜିଲାପାଳ ଦୂରରେ ରଖିବାର କାରଣ କ'ଣ ତାହାକୁ ନେଇ ପ୍ରଶ୍ନ ଉଠିଛି। ଆଗାମୀ ଦିନରେ କୌଣସି ଉନ୍ନତି ମୂଳକ କାର୍ଯ୍ୟର ପ୍ରଚାର ପ୍ରସାର କ୍ଷେତ୍ରରେ ଖବରଦତାମାନେ ସହଯୋଗ କରିବେ ନାହିଁ ବୋଲି ଚେତାବନି ଦେଇଛନ୍ତି।

# ଅଭିଯୁକ୍ତ ଗିରଫ, ସୁନା ଅଳଙ୍କାର ଜବତ

**ଟିକିରି,୨୫।୫(ଡି.ଏନ୍.ଏ.)**

- ବୃଦ୍ଧାଙ୍କ ଗଳାକାଟି ସୁନାଚେନ୍ ଲୁଟ୍ ମାମଲାର ପର୍ଦ୍ଦାଫାଶ
- ମଦ ପାଇଁ ଲୁଟ୍ କରିଥିଲେ

ରାୟଗଡ଼ା ଜିଲା କାଶୀପୁର ଥାନା ସିରିପାଇ ପଞ୍ଚାୟତ ଅନ୍ତର୍ଗତ ବାହାରଦୁଲକି ଗ୍ରାମରେ ଧାରୁଆ ଅସ୍ତ୍ରରେ ବୃଦ୍ଧାଙ୍କ ତଣ୍ଟି କାଟି ସୁନାଚେନ୍ ଲୁଟ ଘଟଣାର ପର୍ଦ୍ଦାଫାସ ହୋଇଛି। କାଶୀପୁର ପୋଲିସ ମଙ୍ଗଳବାର ଅଭିଯୁକ୍ତଙ୍କୁ ଗିରଫ କରି ଲୁଟ୍ ହୋଇଥିବା ଚେନ୍ ଏବଂ ସୁନା ଅଳଙ୍କାର ଜବତ କରିଛି। ଗିରଫ ବ୍ୟକ୍ତି ହେଲେ ଉକ୍ତ ଗ୍ରାମର ଚଇତୁ ମାଝି। ମଦ ପିଇବା ପାଇଁ ନିଶାସକ୍ତ ଅବସ୍ଥାରେ ସେ ବୃଦ୍ଧାଙ୍କ ଠାରୁ ଲୁଟ୍ କରିଥିବା ପୋଲିସ ସୂଚନା ଦେଇଛି। ସୂଚନାଯୋଗ୍ୟ, ବାହାରଦୁଲକି ଗ୍ରାମରେ ରବିବାର ବୃଦ୍ଧା ସଦାମଣି ନାଏକ ଜଙ୍ଗଲକୁ କାଠ ଆଣିବାକୁ ଯାଇଥିଲେ। ଏହି ସମୟରେ ଚଇତୁ ବୃଦ୍ଧାଙ୍କ ହାତ, ଗୋଡ଼ ଗଛରେ ବାନ୍ଧି ଧାରୁଆ ଅସ୍ତ୍ର ସାହାଯ୍ୟରେ ତଣ୍ଟି କାଟି ସୁନାଚେନ୍ ଏବଂ ଅନ୍ୟ ଅଳଙ୍କାର ଲୁଟି ନେଇଥିଲେ। ସଦାମଣି ତାଙ୍କୁ ଚିହ୍ନିଥିବାରୁ ପ୍ରମାଣ ନଷ୍ଟ କରିବାକୁ ସେ ତାଙ୍କର ଗଳା କାଟି ଦେଇଥିଲେ। ପୋଲିସ ଚଇତୁ ନିକଟରୁ ଧାରୁଆ ଅସ୍ତ୍ର ଜବତ କରିଥିବା ଖବରଦାତା ସମ୍ମିଳନୀରେ ରାୟଗଡ଼ା ଏସ୍‌ଡିପିଓ ଦିବ୍ୟଜ୍ୟୋତି ଦାସ ସୂଚନା ଦେଇଛନ୍ତି। କାଶୀପୁର ଥାନା ଅଧିକାରୀ ମଧ ଉପସ୍ଥିତ ଥିଲେ।

# ଉନ୍ନୟନ ପ୍ରକଳ୍ପର କାର୍ଯ୍ୟକାରିତା ନେଇ ଆଲୋଚନା



ବୈଠକରେ ଉପସ୍ଥିତ ନବରଙ୍ଗପୁର ଏମ୍‌ପି, ମାଲକାନଗିରି ବିଧାୟକ, ସମିତି ଅଧକ୍ଷା, ବିଡିଓ ଏବଂ ଅନ୍ୟମାନେ।

**ମାଲକାନଗିରି,୨୫।୫(ଡି.ଏନ୍.ଏ.)**

**ମାଲକାନଗିରି ପଞ୍ଚାୟତ ସମିତିର ପ୍ରଥମ ବୈଠକ**

ମାଲକାନଗିରି ପଞ୍ଚାୟତ ସମିତିର ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମାଲକାନଗିରି ପଞ୍ଚାୟତ ସମିତି ଅଧକ୍ଷା ଗୌରୀ ପଡ଼ିଆମୀ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ରୂପେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ଯୋଗ ଦେଇଥିବା ବେଳେ ମାଲକାନଗିରି ପଞ୍ଚାୟତ ସମିତି ଅଧୀନସ୍ଥ ୧୯ଟି ପଞ୍ଚାୟତର ସମିତିସଭ୍ୟା ଓ ସଭ୍ୟ ଏବଂ ସରପଞ୍ଚମାନେ ଉପସ୍ଥିତ ଥିଲେ। ବୈଠକରେ ସମସ୍ତ ବିଭାଗ ଯଥା ଶିକ୍ଷା,ସମାଜ କଲ୍ୟାଣ, କୃଷି, ଉଦ୍ୟାନ ଓ ପ୍ରାଣୀଧନ, ମହିଳା ଏବଂ ଶିଶୁବିକାଶ, ସ୍ୱାସ୍ଥ୍ୟ ଏବଂ ପରିବାରକଲ୍ୟାଣ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ, ବିଦ୍ୟୁତିକରଣ, ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ଉସମେତ ସମସ୍ତ ବିଭାଗର ଉନ୍ନୟନ ପ୍ରକଳ୍ପ ଉପରେ ଆଲୋଚନା କରିଥିଲେ। ସମ୍ମାନତ ଅତିଥି ରୂପେ ମାଲକାନଗିରି ଜିଲା ପରିଷଦ ଅଧକ୍ଷା ସମାରୀ ତାଙ୍ଗୁଲ, ମାଲକାନଗିରି ବିଧାୟକ ଆଦିତ୍ୟ ମାଢ଼ି ଏବଂ ବ୍ଲକ ଉପାଧକ୍ଷ ନିରଞ୍ଜନ ହାଲଦାର ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଡିଓ ଅଜୟ କୁମାର ପ୍ରଧାନ ସଭା ପରିଚାଳନା କରିଥିଲେ।

# ଗ୍ରାହକ ସେବାକେନ୍ଦ୍ରରେ ଟଙ୍କା ଠକେଇ ଅଭିଯୋଗ

**ଚିତ୍ରକୋଣ୍ଡା,୨୫।୫(ଡି.ଏନ୍.ଏ.)**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ କୁରୁମାନୁର ପଞ୍ଚାୟତ ସଦରଠାରେ ଗ୍ରାହକ ସେବା କେନ୍ଦ୍ରରେ ଟଙ୍କା ଠକେଇ ଅଭିଯୋଗ ହୋଇଛି। ଅଞ୍ଚଳର ଶ୍ରୀନୁ ନାମକ ବ୍ୟକ୍ତି ଗ୍ରାହକ ସେବା କେନ୍ଦ୍ର କରି କିଛି ଦିନ ହେଲା ଲୋକଙ୍କ ଟଙ୍କା ଜମା ଓ ଉଠାଣ କରୁଥିଲେ। ମଙ୍ଗଳବାର କୁରୁମାନୁର ଗ୍ରାମର ସୀତାମା ଖରା ଉକ୍ତ ସେବା କେନ୍ଦ୍ରକୁ ଯାଇ ପାସ୍‌ବୁକରେ କେତେ ଟଙ୍କା ଜମା ରହିଛି ଜାଣିବାକୁ ଚାହିଁଥିଲେ। ଶ୍ରୀନୁ ତାଙ୍କର ଆଧାର କାର୍ଡ ନମ୍ବର ଏବଂ ଟିପଚିହ୍ନ ନେଇ ଆକାଉଣ୍ଟରେ ୨୦,୭୦୦ ଟଙ୍କା ଥିବା ଜଣାଇଥିଲେ। ସୀତାମା ବୁଧବାର ଚିତ୍ରକୋଣ୍ଡା ଷ୍ଟେଟ ବ୍ୟାଙ୍କକୁ ଆସି ଚେକ୍ କରିବାରୁ ୧୦,୭୦୦ ଟଙ୍କା ଥିବା ଜାଣିବାକୁ ପାଇଥିଲେ। ୧୦ ହଜାର ଟଙ୍କା କମ୍ ଥିବା ଜାଣି ସୀତାମା ବିଚଳିତ ହୋଇପଡ଼ିଥିଲେ। ଏ ନେଇ ସୀତାମା ତୁରନ୍ତ ଚିତ୍ରକୋଣ୍ଡା ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକଙ୍କୁ ଜଣାଇଥିଲେ। ଶାଖା ପରିଚାଳକ ଗ୍ରାହକ ସେବା କେନ୍ଦ୍ରକୁ ଯାଇ ଟଙ୍କା ମାଗିବାକୁ କହିଥିଲେ। ସରଳ ଆଦିବାସୀ ମହିଳାଙ୍କ ଆକାଉଣ୍ଟରୁ ଏଭଳି ଟଙ୍କା ଠକେଇ କରାଯାଇଥିବା ସୀତାମା ଅଭିଯୋଗ କରିଛନ୍ତି। ଚିତ୍ରକୋଣ୍ଡା ଅଞ୍ଚଳରେ ଏହା ଏକମାତ୍ରୟ ଘଟଣା ନୁହେଁ ଅନେକ ସ୍ଥାନରେ ଏଭଳି ଛୋଟ ବଡ଼ ଠକେଇ ଅଭିଯୋଗ ହୋଇ ଦବି ଯାଇଥିବା ଜଣାପଡ଼ିଛି। ତେଣୁ ଅବିଳମ୍ବେ ଏହାର ଯାଞ୍ଚ କରି ଟଙ୍କା ଫେରି ପାଇବା ବ୍ୟବସ୍ଥା କରିବାକୁ ସୀତାମା ଏବଂ ଅଞ୍ଚଳବାସୀ ଦାବି କରିଛନ୍ତି।

# ହରିଭାଇ ନ୍ୟାଶନାଲ ଯୋଗ ପ୍ରାଇଡ୍ ଆୱାର୍ଡ ପାଇଁ ମନୋନୀତ



ହରିଭାଇ ଆର୍ଯ୍ୟନ

**ମୁନିଗୁଡ଼ା,୨୫।୫(ଡି.ଏନ୍.ଏ.)**

ଯୋଗର ପ୍ରଚାର, ପ୍ରସାର ଓ ସମାଜସେବା ପାଇଁ ଖ୍ୟାତି ଅର୍ଜନ କରିଥିବା ଓଡ଼ିଆ ପୁଅ ତଥା ପତଞ୍ଜଳି ପ୍ରଶିକ୍ଷିତ ଯୋଗଗୁରୁ ହରିଭାଇ ଆର୍ଯ୍ୟନଙ୍କୁ ତାଙ୍କ ସମର୍ପିତ ରାଷ୍ଟ୍ରସେବା, ଯୋଗଶିକ୍ଷା ଏବଂ ଆୟୁର୍ବେଦ ମାଧମରେ ରୋଗୀସେବା ନିମନ୍ତେ ସ୍ୱାମୀ ବିବେକାନନ୍ଦ ନ୍ୟାଶନାଲ ଯୋଗ ପ୍ରାଇଡ୍ ଆୱାର୍ଡ-୨୦୨୨ ପାଇଁ ମନୋନୀତ କରାଯାଇଛି। ମଧ୍ୟପ୍ରଦେଶର ଉଜ୍ଜୟିନୀଠାରେ ଜୁନ୍ ୨୬ ରେ ଆୟୋଜିତ ଏକ ଭବ୍ୟ କାର୍ଯ୍ୟକ୍ରମରେ ହରିଭାଇଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ସମ୍ମାନ ପ୍ରଦାନ ସମାବେଶରେ କର୍ନାଟକର ରାଜ୍ୟପାଳ ଥୱାଲ ଚାନ୍ଦ ଗେହଲଟ, ପ୍ରସିଦ୍ଧ ଟିଭି କଳାକାର ଲଳିତଜୀ ପାରିମୋ, ମଧ୍ୟପ୍ରଦେଶ ଉଚ୍ଚ ଶିକ୍ଷାମନ୍ତ୍ରୀ ମୋହନଜୀ ଯାଦବ, ମନ୍ତ୍ରୀ ଜଗଦୀଶ ଚରଣଜୀ ଶର୍ମା, ଗୁଜୁରାଟ ସରକାରଙ୍କ ଯୋଗ ବିଭାଗ ମୁଖ୍ୟ ପ୍ରଶାସକ ଜ୍ଞାନେଶଜୀ ଶର୍ମା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ରାଷ୍ଟ୍ରୀୟ ସ୍ତରରେ ଏଭଳି ସମ୍ମାନ ପାଇଁ ମନୋନୀତ ହୋଇଥିବାରୁ ହରିଭାଇଙ୍କୁ ମିଳୁଥିବାରୁ ରାୟଗଡ଼ା ଜିଲା ତଥା ତାଙ୍କ କର୍ମଭୂମୀ ମୁନିଗୁଡ଼ାରେ ଖୁସି ପ୍ରକାଶ ପାଇଛି। ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଜଣାଯାଇଛି।

# ଡୋର୍ ଟୁ ଡୋର୍, ଷ୍ଟ୍ରିଟ୍ ଟୁ ଷ୍ଟ୍ରିଟ୍ ନମ୍ବରିଂ ଆରମ୍ଭ

**ମାଲକାନଗିରି,୨୫।୫(ଡି.ଏନ୍.ଏ.)**



ସର୍ଭେ ଟିମ୍ ୱାର୍ଡରେ ଆଲୋଚନା କରୁଛନ୍ତି।

ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ମାଲକାନଗିରି ଜିଲାରେ ଡୋର୍ ଟୁ ଡୋର୍ ଏବଂ ଷ୍ଟ୍ରିଟ୍ ଟୁ ଷ୍ଟ୍ରିଟ୍ ନମ୍ବରିଂ ପାଇଁ ଏକ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ସର୍ଭେରେ ପୌରପରିଷଦର ସମସ୍ତ ୱାର୍ଡର ସମସ୍ତ ଘରକୁ ଏକ ଟିମ୍ ଯାଇ ସର୍ଭେ କରିବେ ପ୍ରତ୍ୟେକ ଘରକୁ ଏକ ଡିଜିଟାଲ ନମ୍ବର ପ୍ରଦାନ କରାଯିବ। ଏହା ଜରିଆରେ ସମସ୍ତେ ଅନ୍‌ଲାଇନ ମାଧମରେ ଅନେକ ସୁବିଧା ପାଇପାରିବେ। ପ୍ରତି ଘରର ଲୋକେ ଏହି ନମ୍ବରିଂ ମାଧମରେ ନିଜର ହୋଲିଡିଂ କର, ବିଦ୍ୟୁତ୍ ବକେୟା, ଜଳ ଯୋଗାଣ ବକେୟା ଆଦି ପୈଠ କରିପାରିବେ। ତେବେ ବୁଧବାର ଜିଲା ସଦର ସ୍ଥିତ ୱାର୍ଡ ନମ୍ବର୧୩ ର ଟେକବାଡ଼ିରେ ଏହି ସର୍ଭେ କାମ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ପୌରାଧକ୍ଷ ମନୋଜ ବାରିକ, ସହରାଞ୍ଚଳ ମିଶନ ପରିଚାଳକ ଜଗନ୍ନାଥ ଖେମୁଡୁ, ୱାର୍ଡ଼ ନମ୍ବର୧ ର କାଉନସିଲର ପେଣ୍ଡରା ପ୍ରସାଦ ପଣ୍ଡା, ସର୍ବେକ୍ଷଣ ସଂଯୋଜକ ହେମନ୍ତରାଜ ପ୍ରଧାନ, ବିଜେଡି କର୍ମୀ କେ.ରାହୁଲ ଏବଂ ୱାର୍ଡ ବାସିନ୍ଦା ଉପସ୍ଥିତ ଥିଲେ।

# 'ଆମରି ଯୋଜନା ଆମରି ହାତେ', 'ମୋ ଜମି ମୋ ଚାଷ' କାର୍ଯ୍ୟକ୍ରମ



ଟ୍ରଷ୍ଟର ଅଧିକାରୀମାନେ ଗ୍ରାମବାସୀଙ୍କୁ ସଚେତନ କରୁଛନ୍ତି।

**ମୁନିଗଡ଼ା,୨୫।୫(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ମୁନିଗୁଡ଼ାସ୍ଥିତ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ହର୍ଷ ଟ୍ରଷ୍ଟ ପକ୍ଷରୁ 'ଆମରି ଯୋଜନା ଆମରି ହାତେ' ଓ 'ମୋ ଜମି ମୋ ଚା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହର୍ଷଟ୍ରଷ୍ଟର ଜିଲା ସଂଯୋଜକ ଶରତ କୁମାର ସାହୁ ଓ ଟିମ୍ ଲିଡର ଉଦ୍ଧବ କୁମାର ସାହୁଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାମାଜିକ ସୁରକ୍ଷା ଓ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯିବାର ଲକ୍ଷ୍ୟ ନେଇ ଅଭିଯାନ ଆରମ୍ଭ କରାଯାଇଛି।

ଗ୍ରାମାଞ୍ଚଳରେ ରହୁଥିବା ଯୋଗ୍ୟ ହିତାଧିକାରୀ କିପରି ମଧୁବାବୁ ପେନସନ ଯୋଜନା, ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ଇ-ଶ୍ରମ, ନିର୍ମାଣ ଶ୍ରମିକ, ତାଲିକାରେ ନିଜ ନାମ ପଞ୍ଜୀକରଣ ପୂର୍ବକ ସରକାରୀ ଯୋଜନାର ଲାଭ ପାଇପାରିବେ ସେ ବିଷୟରେ ସବିଶେଷ ତଥ୍ୟ ପ୍ରଦାନ କରଯାଇଥିଲା। ଅନ୍ୟକ୍ରମରେ ନୂଆ ଜବ୍‌କାର୍ଡ, ଜବକାର୍ଡକୁ ସକ୍ରିୟ କରିବା, ୧୦୦ ଦିନର କାମପାଇଁ କାର୍ଯ୍ୟ ଦାବି ତଥା ନିଜର ଓ ଗୋଷ୍ଠୀଗତ ଯୋଜନା ବିଷୟରେ ପ୍ରଚାର ମାଧମରେ ଜନସାଧାରଣଙ୍କୁ ଅବଗତ କରାଯାଇଛି। ପର୍ଯ୍ୟାୟକ୍ରମେ ଅଧିକରୁ ଅଧିକ ଜନସାଧାରଣଙ୍କ ପାଖରେ ସରକାରଙ୍କ ଲୋକାଭିମୁଖୀ ଯୋଜନା ପହଞ୍ଚାଇବା ଲକ୍ଷ୍ୟ ରହିଛି। ସେହିପରି କୃଷି ଓ କୃଷକଙ୍କ ଉନ୍ନତି ପାଇଁ 'ମୋ ଜମି ମୋ ଚାଷ' ଅଭିଯାନ ଆରମ୍ଭ କରାଯାଇଛି। ଏଥିରେ ୧୨ ପଞ୍ଚାୟତର ୧୧୨ ଗ୍ରାମରେ ୮୫୦୦ ଚାଷୀଙ୍କୁ ୨୦୨୨-୨୩ ଖରିଫ ଋତୁରେ କିଭଳି ଜୈବିକ ପଦ୍ଧତିରେ ବିହନ ବିଶୋଧନ, ଉନ୍ନତମାନର ବିହନ ଚୟନ, ପଶୁପକ୍ଷୀ ଟିକାକରଣ ଏବଂ ଆଧୁନିକ କୃଷି ଯନ୍ତ୍ରପାତିର ବ୍ୟବହାର ବିଷୟରେ ପ୍ରଚାରପତ୍ର ବଣ୍ଟନ, ଗୀତ, ପ୍ରଦର୍ଶନୀ ଓ ଆଲୋଚନା ମାଧମରେ ସଚେତନ କରଯାଇଛି। ଖରିଫ ଚାଷର ଅବ୍ୟବହିତ ପୂର୍ବରୁ ଏହି ସଚେତନତା ଅଭିଯାନକୁ ସଫଳ କରାଇବାକୁ ୨୩ ଉଦ୍ୟୋଗ ମିତ୍ର, ୧୦ ଗୋଷ୍ଠୀସେବା ପ୍ରଦାନକାରୀଙ୍କ ସହ ହର୍ଷ ଟ୍ରଷ୍ଟର ଜିଲା ସଂଯୋଜକ ଶରତ କୁମାର ସାହୁ, ଟିମ୍ ଲିଡର ଉଦ୍ଧବ ସାହୁ, ସହଯୋଗୀ କେ.ପି. ଧ୍ରୁବ, ଲକ୍ଷ୍ମୀ ନାରାୟଣ ରାଓ , ମୁକ୍ତେଶର ନାୟକ ଓ ନରସିଂହ ଭୋଗୀ ପ୍ରମୁଖ ସହାୟତା କରୁଛନ୍ତି ।

# ଡମ୍ବସରା ହାଇସ୍କୁଲରେ କ୍ୟାରିୟର କାଉନ୍‌ସେଲିଂ କାର୍ଯ୍ୟକ୍ରମ

**ଗୁଣପୁର,୨୫।୫(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଗୁଣପୁର ବ୍ଲକ ଡମ୍ବସରା ବାଳିକା ଉଚ୍ଚ ବିଦ୍ୟାଳୟରେ ଅଷ୍ଟମରୁ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ନେଇ ବୁଧବାର କ୍ୟାରିଅର କାଉନସେଲିଂ ତଥା ବୃତ୍ତି ପରାମର୍ଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଉପଖଣ୍ଡ ଚିକିତ୍ସାଳୟର ଡା. ରତିକାନ୍ତ ସାହୁ ଯୋଗଦେଇ ପିଲାଙ୍କୁ ଡାକ୍ତର ହୋଇ ରୋଗୀସେବା କରିବାକୁ ପରାମର୍ଶ ଦେଇଥିଲେ। ଏଥିପାଇଁ ଛାତ୍ରୀମାନଙ୍କ ମଧ୍ୟରେ ଦୃଢ ଇଚ୍ଛାଶକ୍ତି, ନିଷ୍ଠା ଏବଂ ପରିଶ୍ରମର ଆବଶ୍ୟକତା ରହିଛି ବୋଲି ସେ ଉତ୍ସାହିତ କରି କହିଥିଲେ। ଏଥିସହ ଏଏନ୍ଏମ୍ ଓ ଷ୍ଟାଫ ନର୍ସ ବୃତ୍ତିକୁ ମଧ କିପରି ଆପଣାଇ ପାରିବେ ସେ ବିଷୟରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀ ଉପସ୍ଥିତ ରହି ମାଟ୍ରିକ ପରୀକ୍ଷା ପାସ୍ କରିବା ପରେ ଛାତ୍ରୀମାନେ କିଭଳି ଭାବରେ ଅନେକ ବୃତ୍ତିକୁ ବାଛି ପାରିବେ ଓ ଏଥିପାଇଁ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦାରା ନିଶୁଳ୍କ କୋଚିଂ ସୁବିଧା ସହ ଅନ୍ୟ ସୁବିଧା ପ୍ରଦାନ କରାଯାଉଛି ସେ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ଡମ୍ବସରା କ୍ଲଷ୍ଟର ସିଆର୍‌ସିସି ଏମ. କେଶବ ରାଓ, ପ୍ରଧାନ ଶିକ୍ଷକ ଶ୍ରୀସେମ ଗମାଙ୍ଗ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ବିଦ୍ୟାଳୟର ଉନ୍ନତି ସକାଶେ ମୋ ସ୍କୁଲ ଅଭିଯାନକୁ ୧୦ ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ଶେଷରେ ମଞ୍ଚ ପରିଚାଳନା ଦାୟିତ୍ୱରେ ଥିବା କ୍ରିଡ଼ା ଶିକ୍ଷକ ମନୋଜ ତୁଳ ଧନ୍ୟବାଦ ଦେଇଥିଲେ।

# ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଲାପ୍‌ଟପ ପ୍ରଦାନ




ଆଭିମୁଖୀକରଣ ବୈଠକରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀମାନଙ୍କୁ ଲାପ୍‌ଟପ ପ୍ରଦାନ କରାଯାଉଛି।

**ମାଲକାନଗିରି,୨୫।୫(ଡି.ଏନ୍.ଏ.)**

ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଜେଡ୍ଏସ୍ଏସ୍ ପକ୍ଷରୁ ବୁଧବାର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନେଇ ଏକ ଅଭିମୁଖୀକରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଡିଏମ୍ଓ ପ୍ରଫୁଲ୍ଲ କୁମାର ନନ୍ଦ, ଏଡିଏମ୍ଓ ଏବଂ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଆଗାମୀ ଦିନରେ କିପରି ସମସ୍ତ କାର୍ଯ୍ୟ ସୁରୁଖୁରୁରେ ହେବ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା। ଏଥିସହ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀମାନଙ୍କୁ ଅନ୍‌ଲାଇନ୍‌ରେ ସହଜରେ ସମସ୍ତ କାର୍ଯ୍ୟ କରିବା ପାଇଁ ଲାପ୍‌ଟପ ବଣ୍ଟନ କରାଯାଇଥିଲା। ୭୬ ଜଣଙ୍କୁ ଏହି ଲାପ୍‌ଟପ ପ୍ରଦାନ କରାଯାଇଛି।

# ସହରର ଉନ୍ନୟନ କାମ ନେଇ ଆଲୋଚନା

**ପଦ୍ମପୁର, ୨୫।୫(ଡି.ଏନ୍.ଏ.)**



ବୈଠକରେ ଲୋକ ପ୍ରତିନିଧି ଓ ଅଧିକାରୀମାନେ ।

**ପଦ୍ମପୁର ପଞ୍ଚାୟତ ସମିତି ବୈଠକ**

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ ସଦ୍‌ଭାବନା ଗୃହରେ ମଙ୍ଗଳବାର ବ୍ଲକସ୍ତରୀୟ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମସ୍ତ ସରକାରୀ ଅଧିକାରୀ ଓ ଲୋକପ୍ରତିନିଧି ଯୋଗଦେଇ ଥିଲେ। ବିଡିଓ ରୀନା ପ୍ରଧାନ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସଫଳ ରୂପାୟନ କିପରି ହୋଇପାରିବ ସେ ନେଇ କହବା ସହ ଯୁବ ଗୋଷ୍ଠୀ କିଭଳି ଆତ୍ମ ନିର୍ଭରଶୀଳ ହୋଇ ପାରିବେ ସେ ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ।

ସହରକୁ ସଫା ଓ ସୁନ୍ଦର କରିବାରେ ସମସ୍ତଙ୍କ ସହଯୋଗ ଲୋଡ଼ା ବୋଲି ସେ ମତ ରଖିଥିଲେ। ବ୍ଲକ ଉପାଧକ୍ଷ ରମେଶ ସାହୁ ତାଙ୍କ ବକ୍ତବ୍ୟରେ ସହର ମଧ୍ୟରେ ଥିବା ବସଷ୍ଟାଣ୍ଡ ଓ ପରିତ୍ୟକ୍ତ ଶୌଚାଳୟ ରକ୍ଷଣାବେକ୍ଷଣ, ଦୂରଦୂରାନ୍ତରୁ ଆସୁଥିବା ବସ୍‌ଗୁଡ଼ିକ ସହର ମଧ୍ୟକୁ ଠିକ୍ ଭାବେ ପହଞ୍ଚାଇବାକୁ ସେ କହିଥିଲେ। ପଦ୍ମପୁର ମେଡିକାଲରେ ଆବଶ୍ୟକ ସଂଖ୍ୟକ ଡାକ୍ତର ଓ କର୍ମଚାରୀଙ୍କୁ ନିଯୁକ୍ତି ଦେଲେ ରୋଗୀଙ୍କ ସମସ୍ୟା ସମାଧାନ ହୋଇ ପାରିବ ବୋଲି ସେ କହିଥିଲେ। ସହରରେ ପାନୀୟ ଜଳ ସମସ୍ୟା ଉତ୍କଟ ହେଉଥିବା ବେଳେ ଗ୍ରାମ ଜଳ ଓ ପରିମଳ ବିଭାଗ ପକ୍ଷରୁ ଯୋଗାଇ ଦିଆଯାଇଥିବା ପାଇଖାନାର ଠିକ୍ ଉପଯୋଗ ହେଉ ନ ଥିବା ବିଭାଗୀୟ ଅଧିକାରୀ ଅଜୟ ମାଝିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଏମ୍‌ପିଙ୍କ ପ୍ରତିନିଧି ରାଜୀବ ସାହୁ। ପଦ୍ମପୁର ଆର୍‌ଜି କଲେଜ ବାଳିକା ହେଷ୍ଟଲ୍ ଗୃହ ନିର୍ମାଣ ସରିଥିଲେ ମଧ କାର୍ଯ୍ୟକ୍ଷମ ନ ହୋଇ ପଡ଼ି ରହିଛି ବୋଲି ଇନ୍ଦୁପୁର ସମିତି ସଭ୍ୟ ଗୋଦାବରୀ ରାଉତ କହିଛନ୍ତି। ପଦ୍ମପୁର ସରପଞ୍ଚ ମାର୍କେଟ କମ୍ପ୍ଲେକ୍ସ ଗୃହ ତିଆରି କରି ବ୍ୟବସାୟୀଙ୍କୁ ଯୋଗାଇ ଦେବାକୁ ଦାବି କରିଥିଲେ। ବୈଠକରେ ପଦ୍ମପୁର ବ୍ଲକ ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ଏସ୍‌ଡିପିଓ ରଶ୍ମୀରଞ୍ଜନ ସେନାପତି, ବ୍ଲକ ଅଧକ୍ଷ ମଣିମାଳା ଶବର, ପଦ୍ମପୁର ବ୍ଲକର ରବିନାରାୟଣ ଆଚାର୍ଯ୍ୟ,ଡରଗୀନ ଶବର ଓ ବିଜୟ ଶବର ସମନ୍ୱିତ ଶିଶୁ ବିକାଶ ଅଧିକାରୀ ପ୍ରମିଳା ବେହେରା, ସମାଜ ମଙ୍ଗଳ ଅଧିକାରୀ ସସ୍ମିତା ରଥ, ବ୍ଲକ ନିର୍ବାହୀ ଯନ୍ତ୍ରୀ ରଶ୍ମିତା ଶବର, ଯୋଗାଣ ଅଧିକାରୀ ପ୍ରଭାକର ମଲ୍ଲିକ, ମତ୍ସ୍ୟ ବିଭାଗ ଅଧିକାରୀ ଅଶ୍ୱିନୀ ବିଶ୍ୱାଳ, ମିଶନ ଶକ୍ତି ବ୍ଲକ କୋଅର୍ଡିନେଟର ସୁନୀଲ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା କରିଥିଲେ ଗ୍ରାମ ପଞ୍ଚାୟତ ଅଧୀକାରୀ ଅଜୟ କୁମାର ମିଶ୍ର। ଆଦିତ୍ୟ ମିଶ୍ର, ରମାକାନ୍ତ ମାଝି, କୈଳାସ କ୍ରାସ୍କା, ନରହରି ଦାସ, ଶ୍ୟମ ସୁନ୍ଦର ପାଣିଗ୍ରାହୀ ଓ ବ୍ଲକର ୧୩ ପଞ୍ଚାୟତର ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ବୈଠକ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ପିକ୍‌ଅପ୍ ଭ୍ୟାନ ଓଲଟି ୯ ଗୁରୁତର

**ଝରିଗାଁ/ଚନ୍ଦାହାଣ୍ଡି, ୨୫।୫ (ସ୍ୱ.ପ୍ର./ଡି.ଏନ୍.ଏ.):** ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ଘାଟିରେ ଏକ ପିକ୍‌ଅପ ଭ୍ୟାନ ଓଲଟି ପଡିବାରୁ ୯ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ସୂଚନାନୁଯାୟୀ, ବୁଧବାର ଅପରାହ୍ନରେ ଝରିଗାଁ ବ୍ଲକ ଚକଲାପଦର ପଞ୍ଚାୟତ ଲହଣ୍ଡାସିଲ ଗ୍ରାମର ଲଳିତଙ୍କ ବାହାଘର ବରଯାତ୍ରୀ ଗାଡ଼ି ଛତିଶଗଡ଼ ପଟେଲପଡା ଗ୍ରାମ ଅଭିମୁଖେ ବାହାରିଥିଲା। ବରଯାତ୍ରୀରେ ବାଜା ବଜାଇବା ପାଇଁ ଡାହିମାଲ ଓ ଇଚ୍ଛାପୁର ଗ୍ରାମର ୧୬ଜଣ ପିକ୍‌ଅପ୍ (ଓଡି-୧୦ଏ-୮୭୩୯)ରେ ଯାଉଥିଲେ। ହଠାତ ଏହି ଗାଡ଼ି ଭାରସାମ୍ୟ ହରାଇ ଚନ୍ଦାହାଣ୍ଡି ଘାଟିରେ ଓଲଟି ପଡିଥିଲା। ଗାଡ଼ିରେ ବସିଥିବା ବାଜାବାଲାମାନେ ଛିଟିକି ପଡିଯାଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଆହତଙ୍କ ମଧ୍ୟରୁ ଇଚ୍ଛାପୁର ଗ୍ରାମର ଚିତ୍ର ହରିଜନଙ୍କ ବାମ ଗୋଡ଼ ପାଦରେ ଗଭୀର ଆଘାତ ଲାଗିଥିବାରୁ ତାଙ୍କୁ ନବରଙ୍ଗପୁର ସ୍ଥାନାନ୍ତର କରାଯାଇଛି। ପୋଲିସ ଏବଂ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କରିଥିଲେ।

### ଛାତ୍ରୀଙ୍କ ସହ ନାଚିଲେ ଏସ୍‌ପି ଏସ୍. ସୁଶ୍ରୀ



**ନବରଙ୍ଗପୁର,୨୫।୫(ବି.ପ୍ର.):** ନବରଙ୍ଗପୁର ମଝିଗୁଡାସ୍ଥିତ ଦିନ ଦୟାଲ ବାଳିକା ଆଶ୍ରମରେ ଅନ୍ତେବାସୀ ଛାତ୍ରୀମାନଙ୍କୁ ଜିଲାପାଳ କମଳ ଲୋଚନ ମିଶ୍ର ଓ ଏସ୍‌ପି ଏସ୍.ସୁଶ୍ରୀ ଭେଟି ଫଳ ପ୍ରଦାନ କରିଛନ୍ତି। ମାଟ୍ରିକ ପାସ ପରେ କାଉନ୍ସିଲିଂ କରାଯାଇ ପରବର୍ତ୍ତୀ ଶିକ୍ଷା ଉପରେ ଗୁରୁତ୍ୱ ସହ ଅବସର ସମୟରେ ପାଠପ୍ରତି ଅଧିକ ଗୁରୁତ୍ୱ ଦେବାକୁ ସେମାନେ ପରାମର୍ଶ ଦେଇଥିଲେ । ଏହି ଅବସରରେ ଏସ୍‌ପି ଛାତ୍ରୀମାନଙ୍କ ସହ ନାଚିଥିଲେ। ଛାତ୍ରୀମାନଙ୍କ ସହ ଜିଲାପାଳ ଓ ଏସ୍‌ପି ଭାବ ବିନିମୟ କରିଥିଲେ। ଶିକ୍ଷିତ ହୋଇ ନିଜର, ପରିବାର, ଜିଲା ଓ ରାଜ୍ୟର ନାଁ ରଖିବାକୁ ସେମାନେ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ଥାନାଧିକାରୀ ତାରିକ ଅହମ୍ମଦ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ସ୍ନାନପୂର୍ଣ୍ଣିମା, ରଥଯାତ୍ରା ପ୍ରସ୍ତୁତି ବୈଠକ

**ଦାମନଯୋଡି,୨୫।୫(ଡି.ଏନ୍.ଏ.):** ନାଲକୋ ଟାଉନସିପ ସେକ୍ଟର-୧ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସ୍ନାନ ପୂର୍ଣ୍ଣିମା ଓ ରଥଯାତ୍ରା ପ୍ରସ୍ତୁତି ବୈଠକ କରାଯାଇଛି। ମନ୍ଦିର ପରିସରରେ ଅନୁଷ୍ଠିତ ବୈଠକର ଅଧ୍ୟକ୍ଷତା ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସଭାପତି ତଥା ନାଲକୋ ସମୂହ ମହାପ୍ରବନ୍ଧକ ବ୍ରଜକିଶୋର ଦାଶ କରିଥିଲେ। ସ୍ନାନପୂର୍ଣ୍ଣିମା ଓ ରଥଯାତ୍ରା ପାଳନନେଇ ଆଲୋଚନା କରାଯାଇଥିଲା। କମିଟି ଉପସଭାପତି ସୁରେଶ ଚନ୍ଦ୍ର ସାମଲ, ସମ୍ପାଦକ ଅଚ୍ୟୁତାନନ୍ଦ ପ୍ରଧାନ, ଯୁଗ୍ମ ସମ୍ପାଦକ ଲକ୍ଷ୍ମୀନାରାୟଣ ଦାଶ, ସଞ୍ଜୟ ସାହୁ, ରଞ୍ଜନ ବେହେରା, ବିରଞ୍ଚିନାରାୟଣ ମହାନ୍ତି, ଡ. ଅଶୋକ ମହାନ୍ତି, ଅନାମ ଚରଣ ନାୟକ, ସୁଶାନ୍ତ ବେହେରା, ସନ୍ତୋଷ ପଣ୍ଡା, ଖଗେଶ୍ୱର ପାତ୍ର, ତ୍ରିଲୋଚନ ଚୌଧୁରୀ, ଜଳେନ୍ଦ୍ର ତ୍ରିପାଠୀ, ରବୀନ୍ଦ୍ର ନାଥ ମୁଦୁଲି, ଖଡାଳ ନାୟକ, ଅଂଶୁମାନ ବଡୁ, ଅମର ଦାଶ ଓ ବିଜୟ କୁମାର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

### ଫେଲ୍ ମାରିଲା ଏଟିଏମ୍ ଲୁଟ୍ ଉଦ୍ୟମ

**ସୁନାବେଡା,୨୫।୫(ସ୍ୱ.ପ୍ର.):** ହାଲ୍ ଟାଉନସିପ୍ ମଧ୍ୟରେ ଥିବା ଆର୍ ଜୋନ୍ ମାର୍କେଟ ନିକଟ ଷ୍ଟେଟ୍ ବ୍ୟାଙ୍କ୍ ଏଟିଏମ୍ ଲୁଟ୍ କରିବାକୁ ଚେଷ୍ଟା କରି ବିଫଳ ହୋଇଛି ଦୁର୍ବୃତ୍ତ। ଏ ନେଇ ଷ୍ଟେଟ ବ୍ୟାଙ୍କ କର୍ତ୍ତୃପକ୍ଷ ପୋଲିସ ଓ ହାଲ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତେବେ ଦୁର୍ବୃତ୍ତମାନେ ସେଠାରେ ଲାଗିଥିବା ସିସି କ୍ୟାମେରାକୁ ଭାଙ୍ଗି ଦେଇଛନ୍ତି। ଲୋକଙ୍କ ସୁବିଧା ଲାଗି ବ୍ୟାଙ୍କ କର୍ତ୍ତୃପକ୍ଷ ସ୍ଥାନୀୟ ଅଞ୍ଚଳରେ ଏଟିଏମ୍ ସ୍ଥାପନ କରିଛନ୍ତି। କିନ୍ତୁ ସୁରକ୍ଷା ବ୍ୟବସ୍ଥା ହୁଗୁଳା ଯୋଗୁ ପ୍ରାୟ ସମୟରେ ହାଲ ପରି ପରିସରରେ ବହୁ ଡକାୟତି ହେଉଛି ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ଏ ନେଇ ସୁନାବେଡା ଥାନାଧିକାରୀ ସମ୍ବିତ କୁମାର ବେହେରାଙ୍କୁ ପଚାରିବାରୁ ସିସିଟିଭି ଫୁଟେଜ୍ ଯାଞ୍ଚ ସହ ତଦନ୍ତ ଜାରି ରହିଛି ବୋଲି ସେ କହିଛନ୍ତି।

# ସୁରକ୍ଷା ଦାବିରେ ବ୍ଲକ ଅଫିସ ଆଗରେ ଧାରଣା

**ତେନ୍ତୁଳିଖୁଣ୍ଟି/ନବରଙ୍ଗପୁର, ୨୫।୫ (ଡି.ଏନ୍.ଏ./ବି.ପ୍ର.)**

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ପଞ୍ଚାୟତ ସମିତି କନିଷ୍ଠ ଯନ୍ତ୍ରୀ ରଜନୀକାନ୍ତ ଭକ୍ତଙ୍କୁ ମରଣାନ୍ତକ ଆକ୍ରମଣ ପରେ ନିଜକୁ ସୁରକ୍ଷିତ ମଣୁନାହାନ୍ତି ବ୍ଲକ କର୍ମଚାରୀ। ଆକ୍ରମଣକୁ ତୀବ୍ର ନିନ୍ଦା କରିବା ସହ ତେନ୍ତୁଳିଖୁଣ୍ଟି ଥାନାଧିକାରୀ ଉମେଶ ନାଏକଙ୍କୁ ଭେଟି ଆଇନ ଅନୁଯାୟୀ ମାମଲା ରୁଜୁକରି କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରିଛନ୍ତି ବିଡିଓ ଦୁର୍ଯ୍ୟୋଧନ ଭୋଇ। ସେହିଭଳି ନବରଙ୍ଗପୁର ଜିଲାପାଳ, ପିଡି, ଉପଜିଲାପାଳ, ଏସ୍‌ପି, ଏସ୍‌ଡିପିଓଙ୍କୁ ଅବଗତ କରାଇବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ସେ ପତ୍ର ଲେଖିଛନ୍ତି। ବୁଧବାର ତେନ୍ତୁଳିଖୁଣ୍ଟି ବ୍ଲକ କାର୍ଯ୍ୟାଳୟରେ ସମସ୍ତ ବ୍ଲକ କର୍ମଚାରୀ ଏକତ୍ରିତ ହୋଇ ଘଟଣାର ପ୍ରତିବାଦ କରିବା ସହ ନିଜ ସୁରକ୍ଷା ଦାବି କରିଛନ୍ତି। ସେମାନେ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି। ବ୍ଲକ ପରିସରରେ ପ୍ରତିବାଦ ଅବସରରେ ବିଡିଓଙ୍କ ସମେତ ସହକାରୀ ଯନ୍ତ୍ରୀ ଶାନ୍ତିଲତା ହେମ୍ବ୍ରମ୍, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଜଗମୋହନ ମାଝି,ଏସ୍‌ଆର୍‌ଏ ଗଗନ ପାଇକରାୟ, ଯନ୍ତ୍ରୀ କ୍ରାନ୍ତିକୁମାର ପଟ୍ଟନାୟକ, କୁନେସ ବିଶ୍ୱାଳ, ଜିଆର୍‌ଏସ୍ କୃପାସିନ୍ଧୁ ହିଆଲ, ବିପିସି ଉମା ମାହେଶ୍ୱରୀ, ପିଇଓ ଗଦାଧର ପୂଜାରୀ, ବିଏସ୍‌ଏସ୍‌ଓ ରବୀନ୍ଦ୍ର ସାହୁ, ତପସ୍ୱିନୀ କର୍କରା, ଭଞ୍ଜକିଶୋର ବାଘ , ମୋହନ ଗୌଡ଼ , ଯନ୍ତ୍ରୀ କେ. ସନ୍ତୋଷ , ଯନ୍ତ୍ରୀ ମହେନ୍ଦ୍ର କ୍ଷୀର , ଯନ୍ତ୍ରୀ ଦୁଷ୍ମନ୍ତ ବାରିକଙ୍କ ସମେତ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ। କନିଷ୍ଠ ଯନ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣକୁ ନିନ୍ଦା କରିବା ସହ ଥାନା ଅଧିକାରୀଙ୍କ ସହିତ ଆଲୋଚନାକରି ଦୋଷୀଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ରଖିଛନ୍ତି ନିଖିଳ ଓଡ଼ିଶା ଯନ୍ତ୍ରୀ ସଂଘ। ଆକ୍ରମଣକାରୀ ବିଜେଡି ବିଧାୟକଙ୍କ ପାଖ ଲୋକ ହୋଇଥିବାରୁ ଗିରଫଦାରି ବିଳମ୍ବ ହେଉଛି ବୋଲି ସମିତି ସଭ୍ୟ ଦିଲୀପ ପ୍ରଧାନୀ କହିଛନ୍ତି। ବିଜୁ ଜନତା ଦଳ ଶାସନରେ ପିସି କାରବାର ବୃଦ୍ଧି ପାଇଥିଲା। ଏବେ କାର୍ଯ୍ୟରତ କର୍ମଚାରୀ ମଧ୍ୟ ସୁରକ୍ଷିତ ନୁହନ୍ତି ବୋଲି ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ କହିଛନ୍ତି। କନିଷ୍ଠ ଯନ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାକୁ ତେନ୍ତୁଳିଖୁଣ୍ଟି ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ ନାଗ ତୀବ୍ର ନିନ୍ଦା କରିଛନ୍ତି। ଯିଏ ଦୋଷ କରିଛି ତାଙ୍କ ବିରୋଧରେ ଆଇନ ଅନୁଯାୟୀ ଦଣ୍ଡବିଧାନ ହେବ। ଏଥିରେ ବିଜେଡିକୁ ରାଜନୈତିକ ଉଦ୍ଦେଶ୍ୟ ରଖି ଦୋଷାରୋପ କରିବା ଉଚିତ ନୁହେଁ ବୋଲି ସେ କହିଛନ୍ତି।

ସୂଚନାନୁଯାୟୀ, ଉନ୍ନୟନ କାର୍ଯ୍ୟ ବିଲ୍ କରାଇବାକୁ ନେଇ ମଙ୍ଗଳବାର ୧୨.୩୦ରେ କନିଷ୍ଠ ଯନ୍ତ୍ରୀ ରଜନୀକାନ୍ତ ଭକ୍ତଙ୍କୁ ଘରୁ ଡାକିନେଇ କେତେଜଣ ଯୁବକ ମରଣାନ୍ତକ ଆକ୍ରମଣ କରିଥିଲେ। ବନ୍ଧୁକରେ ତାଙ୍କ ମୁଣ୍ଡକୁ ମାଡ଼ ମରାଯାଇଥିବା ଯନ୍ତ୍ରୀ ଭକ୍ତ ଅଭିଯୋଗ କରିଛନ୍ତି। ଖବରପାଇ ତେନ୍ତୁଳିଖୁଣ୍ଟି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। କେସ୍ ନଂ. ୮୮/୨୨ ଅନୁଯାୟୀ ମାମଲା ରୁଜୁକରି ପୋଲିସ ତଦନ୍ତ ଜାରି ରଖିଛି। କଂଗ୍ରା ଗ୍ରାମର ଗୋଲକ ନାୟକଙ୍କ ସମେତ ୭ଜଣ ଯୁବକ ଯନ୍ତ୍ରୀଙ୍କୁ ଗାଳିଗୁଲଜ କରିବା ସହ ବିଲ୍‌ରେ କାହିଁକି ବିଳମ୍ବ ହେଉଛି କହି ମାଡ଼ ମାରିଥିବା ଏତଲାରେ ଉଲ୍ଲେଖ ରହିଛି। ଆକ୍ରମଣ ପରେ ଯନ୍ତ୍ରୀ ଭକ୍ତଙ୍କୁ ପ୍ରଥମେ ତେନ୍ତୁଳିଖୁଣ୍ଟି ପରେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରିବାକୁ ପରାମର୍ଶ ଦିଆଯାଇଛି।

## ତେନ୍ତୁଳିଖୁଣ୍ଟି ବ୍ଲକ କନିଷ୍ଠ ଯନ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ



ଥାନାଧିକାରୀଙ୍କୁ ବ୍ଲକ କର୍ମଚାରୀମାନେ ଅଭିଯୋଗପତ୍ର ଦେଉଛନ୍ତି।

### ବୁଲା କୁକୁରଙ୍କୁ ଅନ୍ୟତ୍ର ଛାଡ଼ିବାକୁ ଦାବି

**ଉମରକୋଟ, ୨୫।୫(ସ୍ୱ.ପ୍ର.)**

ଉମରକୋଟ ସହରରେ ବୁଲା କୁକୁରଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି। ମହିଳା ସ୍କୁଟି ଚାଳକ, ଏକୁଟିଆ ବାଇକ ଚାଳକଙ୍କୁ ଦେଖିବା ମାତ୍ରେ ଭୁକିବା ସହ ସେମାନଙ୍କ ଉପରକୁ ଲମ୍ଫ ଦେଉଛନ୍ତି। ଏପରିକି କାର୍ ଚାଳକଙ୍କୁ ମଧ ବହୁ ଦୂର ପର୍ଯ୍ୟନ୍ତ ଗୋଡାଉଛନ୍ତି। କିଛିଦିନ ପୂର୍ବେ ଛତିଶଗଡ଼ରୁ କେତେଜଣ କିଛି କୁକୁରଙ୍କୁ ଆଣି ଓଡ଼ିଶା ସୀମାନ୍ତ ଜଙ୍ଗଲରେ ଛାଡ଼ିଥିଲେ। ପୌର ପରିଷଦ ଗଠନର ଏତେଦିନ ହୋଇଯାଇଥିଲେ ମଧ୍ୟ କୁକୁର ଧରିବା ପାଇଁ ଗାଡ଼ି କିମ୍ବା ଅନ୍ୟ ବ୍ୟବସ୍ଥା ନାହିଁ। ତେଣୁ ସହରରେ କୁକୁରମାନେ ଉପଦ୍ରବ କରୁଥିବା ଅଞ୍ଚଳବାସୀ କହିଛନ୍ତି। ପୌର ପ୍ରଶାସନ କୁକୁରମାନଙ୍କୁ ଧରି ଅନ୍ୟତ୍ର ଛାଡ଼ିବାକୁ ଲୋକେ ଦାବି କରୁଛନ୍ତି। ଏ ବିଷୟରେ ଉମରକୋଟ ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝିଙ୍କୁ ପଚାରିବାରୁ ସେ ଏହାକୁ ସ୍ୱୀକାର କରିଛନ୍ତି। ବୁଲା କୁକୁରଙ୍କୁ ଧରିବାକୁ ଯନ୍ତା, ଗାଡ଼ି ବା ସ୍ୱତନ୍ତ୍ର କର୍ମଚାରୀ ରହିବା କଥା, କିନ୍ତୁ ଏ ସୁବିଧା ଆମ ପାଖରେ ନାହିଁ। ବୁଲା କୁକୁରଙ୍କୁ ଧରି ଅନ୍ୟତ୍ର ଛାଡ଼ିବା ପାଇଁ ବ୍ୟବସ୍ଥା କରିବେ ବୋଲି କହିଛନ୍ତି।

# ଭାରତ ବନ୍ଦ ପ୍ରଭାବ: ଜୟପୁରରେ ବିକ୍ଷୋଭ

**ଜୟପୁର, ୨୫।୫ (ନି.ପ୍ର.)**

ରାଷ୍ଟ୍ରୀୟ ପଛୁଆବର୍ଗ ମୋର୍ଚ୍ଚା ପକ୍ଷରୁ ଦିଆଯାଇଥିବା ଭାରତ ବନ୍ଦ ଡାକରାର ପ୍ରଭାବ କୋରାପୁଟ ଜିଲା ଜୟପୁରରେ ଦେଖିବାକୁ ମିଳିଛି। ରାଷ୍ଟ୍ରୀୟ ପଛୁଆବର୍ଗ ମୋର୍ଚ୍ଚା କୋରାପୁଟ ଜିଲା ଶାଖା ପକ୍ଷରୁ ଜୟପୁର ଦେଇ ଯାଇଥିବା ଜାତୀୟ ରାଜପଥ ୨୬ର ମୁଖ୍ୟ ଟ୍ରାଫିକ ଛକ ନିକଟରେ ବିଭିନ୍ନ ନାରା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ପଛୁଆବର୍ଗଙ୍କ ଜାତି ଆଧାରିତ ଜନଗଣନା ନ ହେବା ଯୋଗୁ ଗତ ପୌର ଓ ପଞ୍ଚାୟତ ନିର୍ବାଚନରେ ଓବିସି ସଂରକ୍ଷଣକୁ ବାଦ୍ ଦିଆଯାଇଥିଲା। ବାରମ୍ବାର ଦାବି ସତ୍ତ୍ୱେ ଜନଗଣନା ନ କରିବା ଯୋଗୁ ବୁଧବାର ଭାରତ ବନ୍ଦ ଡାକରା ଦିଆଯାଇଥିଲା। ସେହିପରି କେନ୍ଦ୍ର ସରକାରଙ୍କ ଦ୍ୱାରା ଓବିସିଙ୍କର ଜାତି ଆଧାରିତ ଜନଗଣନା କରିବା, ଓବିସି ସହିତ ଧୋକାବାଜି ଓ ଷଡ଼ଯନ୍ତ୍ର ବନ୍ଦ କରିବା, ଇଭିଏମ୍ ଘୋଟାଲା ବନ୍ଦ କରିବା, ବେସରକାରୀ ସ୍ଥାନରେ ଆରକ୍ଷଣ ଲାଗୁ,ଏମ୍‌ଏସ୍‌ପି ଗ୍ୟାରେଣ୍ଟି ଆଇନ ଲାଗୁ, ଶ୍ରମିକ ବିରୋଧୀ ଆଇନ ବନ୍ଦ, ପୁରୁଣା ପେନ୍‌ସନ ସ୍କିମକୁ ପୁନଃ କାର୍ଯ୍ୟକାରୀ କରିବାକୁ ଦାବି ହୋଇଛି। ଏହି ବିକ୍ଷୋଭରେ ସଭାପତି ମଦନମୋହନ ନାୟକ, ସମ୍ପାଦକ ପରମେଶ୍ୱର ପାତ୍ର, କୋରାପୁଟ ଜିଲା ସଂଯୋଜକ ପ୍ରବୀର ପାତ୍ର, ଯାଦବ ସଂଗଠନ ପକ୍ଷରୁ ରାଜେନ୍ଦ୍ର ଗୌଡ, ଯୁବ ସଭାପତି ସୁବ୍ରତ ବାଘ, ସିପିଆଇ ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳ, ଦାମୋଦର ରଣା ପ୍ରମୁଖ ଉପସ୍ଥିତ ଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଟାଉନ ପୋଲିସ ମୁତୟନ ହୋଇଥିଲେ ।




ଜୟପୁରରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

### ଗାଡ଼ି ଚଳାଚଳ ଆଂଶିକ ପ୍ରଭାବିତ, ଦୋକାନ ଖୋଲା

**ସେମିଳିଗୁଡ଼ା/ସୁନାବେଡ଼ା,୨୫।୫ (ସ୍ୱ.ପ୍ର.)**

ଭାରତୀୟ ମୁକ୍ତି ମୋର୍ଚ୍ଚା ଓ ବହୁଜନ କ୍ରାନ୍ତି ମୋର୍ଚ୍ଚା ପକ୍ଷରୁ ଦିଆଯାଇଥିବା ୧୨ ଘଣ୍ଟିଆ ଭାରତ ବନ୍ଦ ଡାକରାର ଆଂଶିକ ପ୍ରଭାବ କୋରାପୁଟ ଜିଲା ସେମିଳିଗୁଡ଼ାରେ ପଡ଼ିଛି। ସ୍ଥାନୀୟ ସଙ୍ଗଠନର ମୁଖ୍ୟ ରୂପ ଖରା(ମନ୍ତ୍ରୀ)ଙ୍କ ନେତୃତ୍ୱରେ ବହୁ କର୍ମକର୍ତ୍ତା ୨୬ନଂ ଜାତୀୟ ରାଜପଥ ସେମିଳିଗୁଡ଼ା ଟ୍ରାଫିକ ଛକ ନିକଟରେ ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। କେନ୍ଦ୍ର ସରକାରଙ୍କ ବିରୋଧରେ ନାରା ଦେବା ସହ ପଛୁଆ ବର୍ଗ ଲୋକଙ୍କ ଲାଗି ପ୍ରତ୍ୟେକ କ୍ଷେତ୍ରରେ ସ୍ୱତନ୍ତ୍ର ସଂରକ୍ଷଣ ବ୍ୟବସ୍ଥା ଦାବି କରାଯାଇଛି। ଏହି ଆନ୍ଦୋଳନ ଫଳରେ ଗାଡ଼ିମୋଟର ଆଂଶିକ ବନ୍ଦ ଥିଲା। ବ୍ୟବସାୟ ପ୍ରତିଷ୍ଠାନ ଗୁଡ଼ିକ ସ୍ୱାଭାବିକ ଖୋଲା ରହିଥିଲା।

# ପଞ୍ଚାୟତ ପକ୍ଷରୁ ପିଡିଏସ୍ ଚାଉଳ ବଣ୍ଟନକୁ ବିରୋଧ

**ଦଶମନ୍ତପୁର, ୨୫।୫( ଡି.ଏନ୍.ଏ.)**

ପଞ୍ଚାୟତ ପକ୍ଷରୁ ପିଡିଏସ୍ ଚାଉଳ ବଣ୍ଟନକୁ ବିରୋଧ କରିଛନ୍ତି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଲୁଲ୍ଲା ପଞ୍ଚାୟତ ଏସ୍‌ଏଚ୍‌ଜି ମହିଳା। ସେମାନଙ୍କୁ ଚାଉଳ ବଣ୍ଟନ ଦାୟିତ୍ୱ ଦିଆଯାଉ ବୋଲି ମହିଳାମାନେ ଦାବି କରିଛନ୍ତି। ଚାଉଳ ବାଣ୍ଟୁଥିବା ଅଧିକାରୀ ଏଥିରେ ଅନିୟମିତତା କରୁଥିବା ସେମାନେ ଅଭିଯୋଗ କରୁଛନ୍ତି। କମ୍ ଚାଉଳ ଦିଆଯିବା ସହ ଆଧାରକାର୍ଡ ଲିଙ୍କ୍ ନାହିଁ, ଲିଷ୍ଟରେ ନାଁ ନାହିଁ କହି ଅନେକ ହିତାଧିକାରୀଙ୍କୁ ଫେରାଇ ଦିଆଯାଉଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ଦାବି ପୂରଣ ନ ହେଲେ ପଞ୍ଚାୟତ ଗୋଦାମ ଗୃହରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ତାଲା ପକାଇ ଧାରଣାରେ ବସିବାକୁ ସେମାନେ ଚେତାବନୀ ଦେଇଛନ୍ତି। ଲୁଲ୍ଲା ପଞ୍ଚାୟତରେ ଖାଉଟି ଯୋଜନାରେ ପ୍ରାୟ ୧୮୩୫ ହିତାଧିକାରୀ ଅଛନ୍ତି। କିନ୍ତୁ ଚାଉଳ ବଣ୍ଟନରେ ଅନିୟମିତତା ହେଉଛି ବୋଲି ଲୁଲ୍ଲା ପଞ୍ଚାୟତ ଦାଦିବୁଢ଼ା, କ୍ରିଷ୍ଣା କାବେରୀ, ମାଁ ନିଶାଣୀ ମୁଣ୍ଡା, ବୃନ୍ଦାବତୀ ଏବଂ ମା' ଦୁର୍ଗା ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଅଭିଯୋଗ କରି ବୁଧବାର ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ବିଡିଓଙ୍କ ଅନୁପସ୍ଥିତିରେ ସେକ୍‌ସନ ଅଫିସର ଜ୍ୟୋତୀନ୍ଦ୍ର ରାଜ ମନବୋଧଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ପଞ୍ଚାୟତ ପକ୍ଷରୁ ଚାଉଳ ବଣ୍ଟନ ହେବା ଦ୍ୱାରା ପଞ୍ଚାୟତବାସୀ ଠିକ୍‌ରେ ଚାଉଳ ପାଉନାହାନ୍ତି। ତେଣୁ ଆମ ଗୋଷ୍ଠୀ ପାଳିକରି ଗାଁରେ ଚାଉଳ ବଣ୍ଟନ କରିବୁ, ଏଥିପାଇଁ ଅନୁମତି ଦେବାକୁ ସେମାନେ ଦାବି କରିଛନ୍ତି। ବିଡିଓଙ୍କୁ ମହିଳାମାନଙ୍କ ଦାବିସମ୍ପର୍କରେ ଅବଗତ କରାଇବି ବୋଲି ସେକ୍‌ସନ ଅଫିସର ପ୍ରତିଶ୍ରୁତି ଦେଇଛନ୍ତି।



ଦାବି ଜଣାଇବାକୁ ଆସିଥିବା ଏସ୍‌ଏଚ୍‌ଜି ମହିଳାମାନେ।

### ଅନଲାଇନ୍‌ରେ ସରକାରୀ ଧାନ ବିହନ ବିକ୍ରି ତାଲିମ

**ଡାବୁଗାଁ, ୨୫।୫ (ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ଡାବୁଗାଁ ସଦର ମହକୁମାସ୍ଥିତ ଓଡିଶା ରାଜ୍ୟ ବିହନ ନିଗମ ଧାନ ବିହନ ପ୍ରକ୍ରିୟାକରଣ କେନ୍ଦ୍ରରେ ନିଗମର ଅଧିକୃତ ବିକ୍ରେତାଙ୍କୁ ନେଇ ଏକ ତାଲିମ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଡିଶା ରାଜ୍ୟ ବିହନ ନିଗମ ମଣ୍ଡଳ ପରିଚାଳକ ଶୀତିକଣ୍ଠ ଦାସ ଯୋଗଦେଇ ବିକ୍ରେତାମାନଙ୍କୁ ତାଲିମ ଦେଇଥିଲେ। ଅନ୍‌ଲାଇନରେ ଚାଷୀଙ୍କ ମୋବାଇଲ ନମ୍ବରରେ ଓଟିପି ଦ୍ୱାରା ଧାନ ବିହନ ବିକ୍ରି, ଗୋ- ସୁଗମ ପୋର୍ଟାଲ ମାଧ୍ୟମରେରେ ଧାନବିହନ ଓ କୃଷି ଜନ୍ତ୍ରପାତି କିଣିବେ ସେ ନେଇ ତାଲିମ ଦିଆଯାଇଛି। ଏଥିରେ ନବରଙ୍ଗପୁର ଜିଲାର ୫ ବ୍ଲକର ଲ୍ୟାମ୍ପସ୍ କର୍ମଚାରୀ, ଅଧିକୃତ ବିକ୍ରେତାମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ନିଗମ କର୍ମଚାରୀ ନିରଞ୍ଜନ ଭୂୟାଁ ପରିଚାଳନା କରିଥିଲେ।

### ନିଃଶୁଳ୍କ ସାମୂହିକ ବ୍ରତର ଶୁଭ ଅନୁକୂଳ

**ନବରଙ୍ଗପୁର,୨୫।୫(ବି.ପ୍ର.)**

ନବରଙ୍ଗପୁର ବାବା ଆଖଣ୍ଡଳମଣି ମନ୍ଦିରରେ ଆସନ୍ତା ଜୁନ ୨ତାରିଖରେ ଆୟୋଜିତ ହେବାକୁ ଥିବା ନିଃଶୁଳ୍କ ସାମୁହିକ ବ୍ରତୋପନୟନର ବୁଧବାର ଶୁଭ ଅନୁକୂଳ ହୋଇଛି। ନବରଙ୍ଗପୁର ରାଜ ପୁରୋହିତ ନରସିଂହ ନାଥ ତ୍ରିପାଠୀଙ୍କ ତତ୍ତ୍ୱବଧାନ ତଥା ମା ଭଣ୍ଡାରଘରଣୀ କର୍ମକାଣ୍ଡ ବିଦ୍ୟାଳୟର ଆନୁକୂଲ୍ୟରେ ଅନୁଷ୍ଠିତ ହେବାକୁ ଥିବା ଏହି ବ୍ରତୋପନୟନ କାର୍ଯ୍ୟକ୍ରମର ଶୁଭ ଅନୁକୂଳ ବାବା ଆଖଣ୍ଡଳମଣି ମନ୍ଦିର ପୂଜକ ବାବୁଲା ତ୍ରିପାଠୀ ଓ ଆଦିତ୍ୟବାହିନୀ ନବରଙ୍ଗପୁର ଜିଲା କ୍ଷେତ୍ରୀୟ ସମ୍ପାଦକ କୁନା ପାତ୍ର ଦ୍ୱାରା ଅନୁଷ୍ଠିତ ହୋଇଛି। ଚଳିତ ବର୍ଷ ଅବିଭକ୍ତ କୋରାପୁଟ ଏବଂ କଳାହାଣ୍ଡିର ମୋଟ ୩୧୨ଜଣଙ୍କ ନିଃଶୁଳ୍କ ବ୍ରତ କରାଯିବ। ଏହି ଶୁଭ ଅନୁକୂଳ କାର୍ଯ୍ୟକ୍ରମରେ ନବରଙ୍ଗପୁର ବିଶିଷ୍ଟ ପଣ୍ଡିତ ପ୍ରମୋଦ ତ୍ରିପାଠୀ, କର୍ମକାଣ୍ଡ ବିଦ୍ୟାଳୟ ସମ୍ପାଦକ ସୁଧାକର ପାଢ଼ୀ, ବାବା ଆଖଣ୍ଡଳମଣି ମନ୍ଦିର ପୂଜକ ଗଙ୍ଗା ତ୍ରିପାଠୀ, ସୁମିତ ହଡପ, ସନ୍ତୋଷ ସାହୁ, ଚିନୁ ଦାସ, ଭିକ୍କୀ ଦାସ, କୈଳାସ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ ସମସ୍ୟା ନେଇ ଆଲୋଚନା

**ବୈପାରୀଗୁଡା, ୨୫।୫(ଡି.ଏନ୍.ଏ.)**

କୋରାପୁଟ ଜିଲା ବୈପାରୀଗୁଡା ବ୍ଲକର ପ୍ରଥମ ସମିତି ବୈଠକ ବୁଧବାର ଅନୁଷ୍ଠିତ ହୋଇଛି। ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ ଗୁପ୍ତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କୋରାପୁଟ ବିଧାୟକ ରଘୁରାମ ପଡାଲ, ବ୍ଲକ ଉପାଧ୍ୟ ପୂର୍ଣ୍ଣିମା ବାରିକ, ଜିଲା ପରିଷଦ ଜୋନ୍-୧ ସଭ୍ୟ ରାଜେଶ ମହୁରିଆ, ଜୋନ୍-୨ ସଭ୍ୟା ମଣି ଜାନି, ବିଡିଓ ଅଭିମନ୍ୟୁ କବିଶତପଥୀ, ନବରଙ୍ଗପୁର ଏମ୍‌ପିଙ୍କ ପ୍ରତିନିଧି ସାଥୀରାମ ନାୟକ, କୋରାପୁଟ ଏମ୍‌ପିଙ୍କ ପ୍ରତିନିଧି ରମେଶ ପାତ୍ର, କୋରାପୁଟ ବିଧାୟକଙ୍କ ପ୍ରତିନିଧି ରମେଶ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ଶିକ୍ଷ୍ୟା, ସ୍ୱାସ୍ଥ୍ୟ ଓ ପାନୀୟ ଜଳ ସମାସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା।

ଟିପାକୁରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଅଭାବକୁ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ଦଶମ ପର୍ଯ୍ୟନ୍ତ ୩୫୦ ଜଣ ଛାତ୍ରୀଛାତ୍ର ଥିବାବେଳେ ଜଣେ ବି ହାଇସ୍କୁଲ ଶିକ୍ଷକ ନାହାନ୍ତି। କେବଳ ୩ଜଣ ପ୍ରାଥମିକ ସ୍କୁଲ ଶିକ୍ଷକଙ୍କୁ ନେଇ ବିଦ୍ୟାଳୟ ଚାଲୁଛି। ତାହା ଜିଲା ଶିକ୍ଷାଧିକାରୀଙ୍କ କ୍ଷମତା ପରିସରରେ ଥିବା ବ୍ଲକ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ସଙ୍ଗିନ ମଲ୍ଲିକ କହିଛନ୍ତି। ସେହିପରି ବ୍ଲକରେ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ଛାତ୍ରବାସଗୁଡିକ ବିପଦସଙ୍କୁଳ ଅବସ୍ଥାରେ ରହିଛି। ନୂଆ ହଷ୍ଟେଲ ଗୃହ ସହ ପୁରୁଣାର ଏବଂ ମରାମତି କରିବାକୁ ଲୋକ ପ୍ରତିନିଧି ଦାବି କରିଥିଲେ। ପଞ୍ଚାୟତରେଚାଲୁଥିବା ବିଭିନ୍ନ ଉନ୍ନୟନ ମୂଳକ କାମ ସରପଞ୍ଚ ଓ ସମିତି ସଭ୍ୟଙ୍କ ବିନା ଅବଗତିରେ କରାଯାଉଥିବା ଅଭିଯୋଗ ହୋଇଥିଲା। ବିନା ପଲ୍ଲୀସଭା ଓ ଗ୍ରାମ ସଭାରେ କାର୍ଯ୍ୟ କରଯାଉଛି ବୋଲି ସେମାନେ ଅଭିଯୋଗ କରିଥିଲେ। ଏ ନେଇ ସମ୍ପୃକ୍ତ ସହକାରୀ ଯନ୍ତ୍ରୀଙ୍କୁ ଅବଗତ କରାଯିବା ନେଇ ବିଡିଓ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକର ୨୦ ପଞ୍ଚାୟତର ପ୍ରତିନିଧି ଓ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।



ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ଲୋକପ୍ରତିନିଧି ଓ ଅଧିକାରୀ।

# କଲେଜ ସମସ୍ୟା ସମାଧାନ ଦାବିରେ ଛାତ୍ର ଆନ୍ଦୋଳନ

**ଜୟପୁର, ୨୫।୫ (ନି.ପ୍ର.)**

ଜୟପୁର ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟର କମର୍ସ ବ୍ଲକରେ ଛାତ୍ର ଅଶାନ୍ତି ଦେଖାଯାଇଛି। କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବା ପାଇଁ ଉଦ୍ୟମ ଜାରି ରହିଛି। କିନ୍ତୁ କଲେଜ କର୍ତ୍ତୃପକ୍ଷ କମର୍ସ ବ୍ଲକରେ ରହିଥିବା ସମସ୍ୟା ସମାଧାନ କରୁ ନ ଥିବା ଅଭିଯୋଗ କରି ବିକ୍ଷୋଭ କରାଯାଇଛି। କମର୍ସ ବ୍ଲକରେ ଶୌଚାଳୟ, ପାନୀୟ ଜଳ ବ୍ୟବସ୍ଥା, ଉତ୍ତମ ଶ୍ରେଣୀ ଗୃହ, ଛାତ୍ରୀଛାତ୍ରଙ୍କ ପାଇଁ ବସିବା ଲାଗି ଭଲ ବେଞ୍ଚ ବ୍ୟବସ୍ଥା, କଲେଜରେ ବାର୍ଷିକ ଉତ୍ସବ କରିବା, କ୍ୟାଣ୍ଟିନର ସୁବିଧା ସହ କଲେଜର ନିୟମିତ ଅଧ୍ୟକ୍ଷ ନିଯୁକ୍ତି ଦାବି କରାଯାଇଛି। ବିଷ୍ଣୁବ ଚରଣ ଦାସ ଚୌଧୁରୀ, ଅଖିଳେଶ ମିଶ୍ର, ନିଖିଳ କୁମାର, ଆଦିତ୍ୟ କୁମାର ବରାଡ, ବି.ଏସ୍. ବିଜୟ ଗଣେଶ, କୁଳମଣି ଦଳପତି, ପର୍ଶୁରାମ ଭତ୍ରା, ରଜନୀକାନ୍ତ ଗଣ୍ଡ, ନିରଞ୍ଜନ ଜାନୀ ପ୍ରମୁଖ ବିକ୍ଷୋଭରେ ଉପସ୍ଥିତ ଥିଲେ। ସମସ୍ୟାର ସମାଧାନ ପାଇଁ ବାରମ୍ବାର କଲେଜ ଅଧ୍ୟକ୍ଷଙ୍କୁ ଜଣାଇଲେ ମଧ୍ୟ ସମାଧାନ ହେଉ ନ ଥିବାରୁ ବିକ୍ଷୋଭ କରାଯାଇଛି ବୋଲି ଛାତ୍ରମାନେ କହିଛନ୍ତି। ଏନେଇ ଅଧ୍ୟକ୍ଷ ଗୋପାଳ ହାଲ୍‌ଦାରଙ୍କୁ ପଚାରିବାରୁ କଲେଜରେ କିଛି ସମସ୍ୟା ନାହିଁ। ପରୀକ୍ଷା ଚାଲିଥିବାରୁ ବାର୍ଷିକ ଉତ୍ସବ ହୋଇପାରିବ ନାହିଁ। କିଛିଦିନ ପରେ କଲେଜ ଛୁଟି ହେବ, କ୍ୟାଣ୍ଟିନ ହୋଇପାରିବ ନାହିଁ। କେତେକ ଛାତ୍ର କଲେଜକୁ ବିଶୃଙ୍ଖଳା କରିବା ପାଇଁ ଏପରି କରୁଛନ୍ତି ବୋଲି ସେ କହିଛନ୍ତି।

# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପଢିବାକୁ ବଢୁଛି ଛାତ୍ରୀଛାତ୍ରଙ୍କ ଆଗ୍ରହ

**କୋରାପୁଟ,୨୫।୫(ସ୍ୱ.ପ୍ର.)**

କୋରାପୁଟ ଜିଲା ସୁନାବେଢାଠାରେଥିବା ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପଢ଼ିବାକୁ ଦେଶର ବିଭିନ୍ନ ସ୍ଥାନରୁ ଛାତ୍ରୀଛାତ୍ରଙ୍କ ଆଗ୍ରହ ବଢୁଛି ବୋଲି ବୁଧବାର ବିଶ୍ୱବିଦ୍ୟାଳୟର ଲାଣ୍ଡିଗୁଡାସ୍ଥିତ କ୍ୟାମ୍ପସଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଭାରପ୍ରାପ୍ତ କୁଳପତି ପ୍ରଫେସର ଶରତ କୁମାର ପଲିତା ସୂଚନା ଦେଇଛନ୍ତି। କିଛି ଦିନ ପୂର୍ବରୁ ୫ ବର୍ଷୀୟା ଗଣିତ ପାଠ୍ୟକ୍ରମର ୨୬ ଆସନ ପାଇଁ ପ୍ରାୟ ୯ ହଜାରଟି ଆବେଦନ ପତ୍ର ମିଳିଥିଲା। ସାରା ଭାରତ ବର୍ଷରୁ ଛାତ୍ରୀଛାତ୍ରଙ୍କ ଆବେଦନ ବିଶ୍ୱବିଦ୍ୟାଳୟ ପ୍ରତି ଆଗ୍ରହ ବୃଦ୍ଧି ପାଉଥିବା ପ୍ରତିଛବି ବୋଲି ପ୍ରଫେସର ପଲିତା କହିଛନ୍ତି। ଚଳିତ ବର୍ଷ ଏହି ବିଶ୍ୱବିଦ୍ୟାଳୟ ଜାତୀୟସ୍ତରରେ ଏକକ ପ୍ରବେଶ ପରୀକ୍ଷା ପରିଧି ମଧ୍ୟକୁ ଆସିଥିବା ଯୋଗୁ ଏଠାରେ ଥିବା ବିଭାଗ ପାଇଁ ଦେଶର ବିଭିନ୍ନ ସ୍ଥାନରୁ ଛାତ୍ରୀଛାତ୍ର ଆସନ୍ତା ଦିନରେ ପ୍ରବେଶ ପରୀକ୍ଷା ପାଇଁ ଆବେଦନ କରିବେ। ଓଡିଶାର ଛାତ୍ରୀଛାତ୍ରଙ୍କୁ ଏହି ବିଶ୍ୱବିଦ୍ୟାଳୟରେ ପାଠ ପଢିବା ପାଇଁ ସୁଯୋଗ ଦେବାକୁ ୨୮ ଜିଲାରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ପରୀକ୍ଷା କେନ୍ଦ୍ର ଖୋଲାଯାଇଥିବା ସେ ଜଣାଇଛନ୍ତି। ବର୍ତ୍ତମାନ ବିଶ୍ୱବିଦ୍ୟାଳୟ ବହୁ ପ୍ରଫେସର ଓ ଅଧ୍ୟାପକ ପଦବୀ ଖାଲିଥିବାବେଳେ ନୁତନ କୁଳପତି ଯୋଗଦେବା ପରେ ଏ ସମସ୍ୟାର ସମାଧାନ ହୋଇପାରିବ ବୋଲି ପ୍ରଫେସର ପଲିତା ସ୍ପଷ୍ଟ କରିଛନ୍ତି। ସେହିପରି ଜିଲାର ଥିବା ପ୍ରାକୃତିକ ଜୈବ ବିବିଧତା ଦୁର ଦୁରାନ୍ତର ଛାତ୍ରଛାତ୍ରୀମାନଙ୍କୁ ଆକର୍ଷିତ କରିବାର ମୁଖ୍ୟ କାରଣ ବୋଲି ସେ ପ୍ରକାଶ କରିଛନ୍ତି । ଖବରଦାତା ସମ୍ମିଳନୀରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ରାମଶଙ୍କର ଉପସ୍ଥିତ ଥିଲେ।

# କାଳବୈଶାଖୀରେ ଭାଙ୍ଗିଲା ଗଛ, ଉଡ଼ିଲା ଛପର

**କୋରାପୁଟ/ଜୟପୁର, ୨୫।୫(ସ୍ୱ.ପ୍ର./ନି.ପ.)**

କୋରାପୁଟ ସହରର ସମେତ ଆଖପାଖ ଅଞ୍ଚଳରେ ମଙ୍ଗଳବାର ଅପରାହ୍ନ ଓ ରାତ୍ରିରେ ଦୁଇ ଦୁଇଥର କାଳବୈଶାଖି ତାର ତାଣ୍ଡବରୂପ ଦେଖାଇଛି। ମଙ୍ଗଳବାର ଅପରାହ୍ନ ୪ଟା ୩୦ରୁ ୫ଟା ଏବଂ ରାତି ୯ଟା୩୦ରୁ ୧୦ଟା ୩୦ ଯାଏ ୨ଥର କାଳ ବୈଶାଖୀ ହୋଇଥିବାରୁ କୋରାପୁଟ ସହରରେ ଥିବା ୨୦ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଛି। ଏଥିରେ ୫୦ରୁ ଊର୍ଦ୍ଧ୍ୱ ଗଛ ମଧ୍ୟ ଭାଙ୍ଗିଥିବା ଜଣାପଡିଛି।

ରାତିରେ ହୋଇଥିବା ପ୍ରବଳ ବର୍ଷା ଓ ପବନ ଯୋଗୁ କୋରାପୁଟଠାରୁ ସୁନାବେଢା ରାସ୍ତାର ଓଏମ୍‌ପି, ଲାଣ୍ଡିଗୁଡା ଆଦି ସ୍ଥାନରେଥିବା ୨୬ ନମ୍ବର ଜାତୀୟ ରାଜପଥରେ ବହୁ ବଡ ବଡ ଗଛ ଅଧାରୁ ଭାଙ୍ଗିଯାଇଛି। ଓଏମ୍‌ପିସ୍ଥିତ ଓଡ୍ରାଫ ପକ୍ଷରୁ ଏହି ସବୁ ଗଛକୁ କାଟି ରାସ୍ତା ସଫା କରାଯାଇଛି। ସେହିପରି ପରି ମୃତ୍ତିକା ସଂରକ୍ଷଣ ବିଭାଗର ସରକାରୀ ଗୃହରେ ଏକ ବିରାଟ ଗଛ ପଡିଯାଇଥିବାବେଳେ ଏଥିରେ ଏକ ପରିବାର ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଛନ୍ତି। ଗଛ ପଡିବା ଦ୍ୱାରା ଏହି ବେସରକାରୀ ଗୃହର ଥିବା ୩ଜଣ ଆହତ ହୋଇଥିବା ଜଣାଯାଇଛି। ଘର ଭାଙ୍ଗିଲା ଆମେ ଏବେ କେଉଁଠି ରହିବୁ ବୋଲି ଶ୍ରମିକ ଭାବେ କାମ କରୁଥିବା ଲଳିତ ଦଣ୍ଡସେନା ପ୍ରଶାସନକୁ ଗୁହାରି କରିବା ସହ ତାଙ୍କୁ ତୁରନ୍ତ ସାହାର୍ଯ୍ୟ ପାଇଁ ନିବେଦନ କରିଛନ୍ତି। କୋରାପୁଟ ମ୍ୟୁନିସପାଲଟିନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାର ଓ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। କ୍ଷତିଗ୍ରସ୍ତଙ୍କୁ ସାହାର୍ଯ୍ୟ ଯୋଗାଇ ଦିଆଯିବ ବୋଲି ସେମାନେ କହିଛନ୍ତି । ବୁଧବାର କୋରାପୁଟ ଜିଲାରେ ୨୩୯.୪ ମିମି ବର୍ଷା ହୋଇଥିବା ଜିଲା ଜରୁରୀ ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି କୁନ୍ଦ୍ରାର କେରିମିଟ ଅଞ୍ଚଳରେ ବଜ୍ରପାତ ଘଟି ଏକ ମଇଁଷିର ମୃତ୍ୟୁ ହୋଇଛି। ସେହିପରି ଜୟପୁର ବିକ୍ରମଦେବ କଲେଜର ଛାତ୍ରାବାସ ଉପରେ ଏକ ବିରାଟ ଗଛ ପଡିଥିବା ଜଣାଯାଇଛି। ଆମ୍ବ ଗଛ ତଳେ ଥିବା ଏକ ସ୍କୁଟି ଭାଙ୍ଗି ଯାଇଛି। ଏହି ବର୍ଷା ଓ କାଳ ବୈଶାଖୀ ଯୋଗୁ କୋରାପୁଟରେ ବର୍ତ୍ତମାନ ସୁଧା ବିଦ୍ୟୁତ ସ୍ୱାଭାବିକ ହୋଇ ପାରି ନ ଥିବା ଜଣାପଡିଛି। ବିଦ୍ୟୁତ ବିଭ୍ରାଟ ଯୋଗୁଁ ସହରରେ ପାନୀୟ ଜଳ ଜଳ ପ୍ରଦାନ ବ୍ୟାଘାତ ଉପୁଜୁଛି।



କାଳ ବୈଶାଖୀ ପ୍ରଭାବରେ ଭାଙ୍ଗିଯାଇଥିବା ଗଛ।

